**OD/LABIHE/6/21**

**MEDIUM : ODIA + ENGLISH**

**A**

# ନିର୍ଦ୍ଦେଶାବଳୀ

# INSTRUCTIONS

**1.** ଏହି ପ୍ରଶ୍ନପତ୍ର ପୁସ୍ତିକାରେ **ଚାରିଟି** ଭାଗ ଅଛି । ଭାଗ "କ" ଗଣିତରେ 50ଟି ପ୍ରଶ୍ନ ରହିଛି, ଯାହା ମଧ୍ୟରୁ ପ୍ରତ୍ୟେକ ପାଇଁ 3 ଅଙ୍କ ନିର୍ଦ୍ଧାରିତ ଅଟେ । ଭାଗ "ଖ" ସାଧାରଣ ଜ୍ଞାନ, ଭାଗ "ଗ" ଭାଷା ଏବଂ ଭାଗ "ଘ" ବୋଧଶକ୍ତିରେ 25 ଗୋଟି ପ୍ରଶ୍ନ ରହିଛି, ଯାହା ମଧ୍ୟରୁ ପ୍ରତ୍ୟେକ ପାଇଁ 2 ଅଙ୍କ ନିର୍ଦ୍ଧାରିତ ଅଟେ । ମୋଟାମୋଟି ଭାବେ, ପ୍ରଶ୍ନପତ୍ରରେ ମୋଟ **300** ଅଙ୍କ ପାଇଁ, **125** ଗୋଟି ପ୍ରଶ୍ନ ରହିଛି । ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

This Question Paper Booklet contains **four** Sections. Section "A" Mathematics contains 50 questions of 3 marks each. Section "B" General Knowledge, Section "C" Language and Section "D" Intelligence contain 25 questions of 2 marks per question. In all, the paper consists of **125** questions for a total of **300** marks. Answer all questions.

**2.** ଭାଗ "ଗ" ଭାଷା ବିଶେଷ ଅଟେ ଏବଂ ତାହାର ଉତ୍ତର ବଛାଯାଇଥିବା ଭାଷାରେ ହିଁ ଦିଆଯିବା ଆବଶ୍ୟକ । (ପ୍ରାର୍ଥୀମାନଙ୍କୁ ନିମ୍ନଲିଖିତ 13 ଗୋଟି ଭାଷା ମଧ୍ୟରୁ ଯେକୌଣସି ଗୋଟିଏ ଭାଷାକୁ ଚୟନ କରିବାକୁ ହେବ : ଇଂରାଜୀ, ତାମିଲ, ମାଲାୟାଲମ, ତେଲୁଗୁ, କନ୍ନଡ଼, ମରାଠୀ, ଗୁଜରାଟୀ, ହିନ୍ଦୀ, ଉର୍ଦ୍ଦୁ, ଓଡ଼ିଆ, ଅସମୀୟା, ପଞ୍ଜାବୀ ଓ ବଙ୍ଗଳା ।)

Section "C" is language specific and is to be attempted in the chosen language. (Candidates were required to choose any of the following 13 languages : English, Tamil, Malayalam, Telugu, Kannada, Marathi, Gujarati, Hindi, Urdu, Odiya, Assamese, Punjabi and Bengali.)

**3.** ପରୀକ୍ଷାର ଅବଧି ହେଉଛି 2 ଘଣ୍ଟା 30 ମିନିଟ୍ (150 ମିନିଟ୍) ।

The test is of 2 hours and 30 minutes (150 minutes) duration.

**4.** ଯେଉଁ ପ୍ରାର୍ଥୀମାନେ ଯେକୌଣସି ବିଶିଷ୍ଟ ଭାଷା ଚୟନ କରିଥିବେ, ସେମାନଙ୍କ ପାଇଁ ପ୍ରଶ୍ନପତ୍ର ପୁସ୍ତିକା, ପ୍ରବେଶ ପତ୍ରରେ ସେମାନଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଏବଂ ଚୟନ କରାଯାଇଥିବା ଭାଷା ଏବଂ ଇଂରାଜୀରେ ପ୍ରଦର୍ଶିତ କରାଯିବ । ପରୀକ୍ଷାରେ, କୌଣସି ପ୍ରଶ୍ନର ଅନୁବାଦ/ଗଠନ ସମ୍ବନ୍ଧୀୟ କୌଣସି ଅସ୍ପଷ୍ଟତା କ୍ଷେତ୍ରରେ, ତାହାର ଇଂରାଜୀ ସଂସ୍କରଣ (ଭାଷା ଭାଗର ପ୍ରଶ୍ନଗୁଡ଼ିକୁ ଛାଡ଼ି)କୁ ଚୂଡ଼ାନ୍ତ ବିବେଚନା କରାଯିବ ।

The Question Paper Booklet for those who have opted for any of the specified languages would be in the language opted and indicated on the Admit Card and in English. In case of any ambiguity in translation/construction of a question in the exam, its English version (except for the Language section questions) shall be treated as final.

5. ପ୍ରଶ୍ନପତ୍ର ପୁସ୍ତିକାର ପୃଷ୍ଠା ସଂଖ୍ୟା **32** ଅଟେ । ଦୟାକରି ପ୍ରଶ୍ନପତ୍ର ପୁସ୍ତିକାଟି ସମ୍ପୂର୍ଣ୍ଣ ଓ ସେଥିରେ ସମସ୍ତ ପୃଷ୍ଠା ରହିଛି କି ନାହିଁ ତାହା ଯାଞ୍ଚ କରି ସୁନିଶ୍ଚିତ ହୁଅ ।

The question paper booklet is of **32** pages. Please check and ensure that the question paper booklet is complete and contains all the pages.

6. ସମସ୍ତ ପ୍ରଶ୍ନର ଉତ୍ତର କେବଳ ଓ.ଏମ୍.ଆର୍. ଉତ୍ତର ପତ୍ରରେ ଦିଆଯିବା ଆବଶ୍ୟକ ।

Answer all questions in the OMR Answer Sheet only.

7. ଓ.ଏମ୍.ଆର୍. ଉତ୍ତର ପତ୍ର, ପ୍ରଶ୍ନପତ୍ର ପୁସ୍ତିକା ମଧ୍ୟରେ ରହିଛି । ତୁମକୁ ପ୍ରଶ୍ନପତ୍ର ପୁସ୍ତିକାକୁ ଖୋଲିବାର ନିର୍ଦ୍ଦେଶ ଦିଆଗଲେ, ଓ.ଏମ୍.ଆର୍. ଉତ୍ତର ପତ୍ରକୁ କାଢ଼ିନିଅ ଏବଂ ବିବରଣୀକୁ ଯତ୍ନର ସହ, କେବଳ ନୀଳ/କଳା ବଲ୍ ପଏଣ୍ଟ କଲମରେ ପୂରା କର ।

The OMR Answer Sheet is inside this Question Paper Booklet. When you are directed to open the Question Paper Booklet, take out the OMR Answer Sheet and fill the particulars carefully with blue/black ball point pen only.

8. ପ୍ରତ୍ୟେକ ପ୍ରଶ୍ନ ପାଇଁ ତୁମର ଉତ୍ତର ରୂପରେ କେବଳ ଗୋଟିଏ ବୃତ୍ତକୁ ଗାଢ ରଙ୍ଗରେ ଚିହ୍ନିତ (ଘନ) କର । ଯଦି ତୁମେ ସେହି ପ୍ରଶ୍ନ ପାଇଁ ଏକାଧିକ ବୃତ୍ତକୁ ପୂରଣ କରିଅଛ, ତେବେ ତୁମର ଉତ୍ତରକୁ ଭୁଲ୍ ବିବେଚନା କରାଯିବ ।

Darken only one circle as your answer for each question. If you darken more than one circle for the same question, your answer will be treated as wrong.

9. ଭୁଲ୍ ଉତ୍ତର ପାଇଁ ବିଯୁକ୍ତାତ୍ମକ ମାର୍କିଂ ନାହିଁ ।

There is no negative marking for a wrong answer.

10. ଓ.ଏମ୍.ଆର୍. ଉତ୍ତର ପତ୍ରରେ ଅନାବଶ୍ୟକ ଚିହ୍ନ ଦିଅ ନାହିଁ କିମ୍ବା ତାହାକୁ ଭାଙ୍ଗ ନାହିଁ କିମ୍ବା ତାହାକୁ ବିକୃତ କରିବାର ପ୍ରୟାସ କର ନାହିଁ । ଏହା କଲେ, ତୁମର ଓ.ଏମ୍.ଆର୍. ଉତ୍ତର ପତ୍ରର ମୂଲ୍ୟାଙ୍କନ କରାଯିବ ନାହିଁ ।

Do not make unnecessary marks on the OMR Answer Sheet or fold or attempt to deface it. If you do so, your OMR Answer Sheet will not be evaluated.

11. ଏହି ପୃଷ୍ଠାରେ ବିବରଣୀ ଓ ଉତ୍ତର ଲେଖିବା ପାଇଁ କେବଳ ନୀଳ/କଳା ବଲ୍ ପଏଣ୍ଟ କଲମ ବ୍ୟବହାର କର । ପେନ୍‌ସିଲ୍ ବ୍ୟବହାର କରନାହିଁ ।

Use Blue/Black Ball Point Pen only for writing particulars on this page and for writing answers. Do not use pencil.

12. ରଫ୍ କାମ, କେବଳ ପ୍ରଶ୍ନ ପତ୍ରରେ ଏହି ଉଦ୍ଦେଶ୍ୟରେ ଦିଆଯାଇଥିବା ଜାଗାରେ କରାଯିବା ଆବଶ୍ୟକ, ଓ.ଏମ୍.ଆର୍. ଉତ୍ତର ପତ୍ରରେ ନୁହେଁ ।

Rough work is to be done on the space provided for this purpose in the Question Paper Booklet only and not on the OMR Answer Sheet.

13. ପରୀକ୍ଷା ସମାପ୍ତ ହେବା ପରେ, ପରୀକ୍ଷା କୋଠରୀ/ହଲ୍‌ରୁ ବାହାରିବା ପୂର୍ବରୁ ଓ.ଏମ୍.ଆର୍. ଉତ୍ତର ପତ୍ରକୁ ନିରୀକ୍ଷକଙ୍କୁ ହସ୍ତାନ୍ତର କରାଯିବା ଆବଶ୍ୟକ ।

On completion of the test, hand over the OMR Answer Sheet to the Invigilator before leaving the Room/Hall.

14. ଏହି ପ୍ରଶ୍ନପତ୍ରକୁ ନିଜ ସହିତ ନେବା ପାଇଁ ତୁମ ନିକଟରେ ଅନୁମତି ଅଛି ।

You are allowed to take away this Question Paper Booklet with you.

15. ଏହି ପୁସ୍ତିକା ପାଇଁ ପ୍ରଦତ୍ତ କୋଡ୍ ହେଉଛି **A** । ସୁନିଶ୍ଚିତ କରିନିଅ ଯେ ଓ.ଏମ୍.ଆର୍. ଉତ୍ତର ପତ୍ରରେ ମୁଦ୍ରିତ କୋଡ୍‌ଟି ପ୍ରଶ୍ନପତ୍ର ପୁସ୍ତିକାରେ ପ୍ରଦତ୍ତ କୋଡ୍ ସହ ସମାନ ଅଟେ । କୋଡ୍ ଅମେଳ ହେବା କ୍ଷେତ୍ରରେ, ତୁରନ୍ତ ଉଭୟ ପ୍ରଶ୍ନପତ୍ର ପୁସ୍ତିକା ଏବଂ ଓ.ଏମ୍.ଆର୍. ଉତ୍ତରପତ୍ରକୁ ବଦଳାଇବା ପାଇଁ ପରୀକ୍ଷା ନିରୀକ୍ଷକଙ୍କୁ ଜଣାଅ ।

The CODE for this Booklet is **A**. Make sure that the CODE printed on the OMR Answer Sheet is the same as that on this Question Paper Booklet. In case of discrepancy, report the matter immediately to the Invigilator for replacement of both the Question Paper Booklet and the OMR Answer Sheet.

16. ପ୍ରଶ୍ନପତ୍ର ପୁସ୍ତିକା/ଓ.ଏମ୍.ଆର୍. ଉତ୍ତର ପତ୍ରରେ ଏହି ଉଦ୍ଦେଶ୍ୟରେ ଉପଲବ୍ଧ କରାଯାଇଥିବା ଜାଗା ବ୍ୟତୀତ ଅନ୍ୟ କେଉଁଠାରେ ନିଜର ରୋଲ୍ ନମ୍ବର ଲେଖନାହିଁ ।

Do not write your Roll No. anywhere else except in the specified space in the Question Paper Booklet/OMR Answer Sheet.

17. ଓ.ଏମ୍.ଆର୍. ଉତ୍ତର ପତ୍ରରେ ସଂଶୋଧନ ପାଇଁ କୌଣସି ପ୍ରକାରର ଧଳା ତରଳ ପଦାର୍ଥ (white fluid) ବ୍ୟବହାର କରନାହିଁ ।

Do not use white fluid for carrying out any correction on the OMR Answer Sheet.

## ଭାଗ କ / SECTION A

## ଗଣିତ / MATHEMATICS

**1.** କେଉଁ ପ୍ରକ୍ରିୟା ଅଧୀନରେ ପୂର୍ଣ୍ଣ ସଂଖ୍ୟାଗୁଡ଼ିକ ସଂବୃତ (ବନ୍ଦ) ହୋଇଥାନ୍ତି ?

(1) ବିୟୋଗ (2) ଭାଗ

(3) ଗୁଣନ (4) ଏ ସମସ୍ତ

Whole numbers are closed under which operation ?

(1) Subtraction (2) Division

(3) Multiplication (4) All of these


**2.** 1 ମିଲିୟନର ପରବର୍ତ୍ତୀ ସଂଖ୍ୟାଟି ହେଉଛି

(1) 2 ମିଲିୟନ (2) 1000001 (3) 100001 (4) 10001

The successor of 1 million is


(1) 2 million (2) 1000001 (3) 100001 (4) 10001

**3.** ସଂଖ୍ୟାରେଖାରେ ବିନ୍ଦୁ O, U, S, V, R, X, W, T, P, Q ଏବଂ Y ସମଦୂରତାରେ ରହିଛନ୍ତି । OPର ଦୈର୍ଘ୍ୟ ଦ୍ୱାରା ନିରୂପିତ ଭଗ୍ନାଂଶଟି ହେଉଛି




(1) $\frac{1}{5}$ (2) $\frac{7}{5}$ (3) $\frac{4}{5}$ (4) $\frac{6}{5}$

The points O, U, S, V, R, X, W, T, P, Q and Y on the number line are equidistant. The fraction represented by length OP is




(1) $\frac{1}{5}$ (2) $\frac{7}{5}$ (3) $\frac{4}{5}$ (4) $\frac{6}{5}$

**4.** ଦୁଇଟି କ୍ରମିକ ପୂର୍ଣ୍ଣସଂଖ୍ୟା ଯାହା ମଧ୍ୟରେ ଭଗ୍ନାଂଶ $\frac{5}{7}$ ଅବସ୍ଥିତ, ତାହା ହେଉଛି

(1) 0 ଏବଂ1 (2) 5 ଏବଂ 7 (3) 5 ଏବଂ 6 (4) 6 ଏବଂ 7

The two consecutive integers, between which the fraction $\frac{5}{7}$ lies, are

(1) 0 and 1 (2) 5 and 7 (3) 5 and 6 (4) 6 and 7

**5.** ନିମ୍ନଲିଖିତ ମଧ୍ୟରୁ କେଉଁ ଭଗ୍ନାଂଶଟି କ୍ଷୁଦ୍ରତମ ଅଟେ ?

(1) $\frac{4}{5}$ (2) $\frac{5}{3}$ (3) $\frac{5}{6}$ (4) $\frac{5}{2}$

Which of the following is the smallest fraction ?

(1) $\frac{4}{5}$ (2) $\frac{5}{3}$ (3) $\frac{5}{6}$ (4) $\frac{5}{2}$

6. ଦୁଇଟି ସଂଖ୍ୟାର ଗସାଗୁ ଓ ଲସାଗୁ ଯଥାକ୍ରମେ 6 ଏବଂ 864 ଅଟେ । ଯଦି ଗୋଟିଏ ସଂଖ୍ୟା 96 ହୁଏ, ତେବେ ଦ୍ୱିତୀୟ ସଂଖ୍ୟାଟି କେତେ ?

(1) 84 (2) 45 (3) 54 (4) 24

The HCF and LCM of two numbers are 6 and 864 respectively. If one number is 96, find the other number.

(1) 84 (2) 45 (3) 54 (4) 24

7. ଦୁଇଟି ସଂଖ୍ୟାର ଗସାଗୁ 12 ଏବଂ ସେଗୁଡ଼ିକ ମଧ୍ୟରେ ପାର୍ଥକ୍ୟ ହେଉଛି 12 । ତେବେ ସେହି ସଂଖ୍ୟାଦ୍ୱୟ ନିମ୍ନ ମଧ୍ୟରୁ କେଉଁଟି ?

(1) 84, 96 (2) 66, 78 (3) 70, 82 (4) 62, 78

The HCF of two numbers is 12 and their difference is 12. Which of the following can be the numbers ?

(1) 84, 96 (2) 66, 78 (3) 70, 82 (4) 62, 78

8. ନିମ୍ନରେ ଦିଆଯାଇଥିବା କ୍ଷୁଦ୍ରତମ ସଂଖ୍ୟାଟି ବାଛ ଯାହା ପ୍ରତ୍ୟେକ 9, 12 ଏବଂ 15 ଦ୍ୱାରା ବିଭାଜ୍ୟ ଅଟେ ।

(1) 60 (2) 90 (3) 120 (4) 180

Find the smallest number that is divisible by each one of 9, 12 and 15.

(1) 60 (2) 90 (3) 120 (4) 180

9. ଏକ ନିର୍ଦ୍ଦିଷ୍ଟ ବ୍ରାଣ୍ଡର ସାବୁନ୍ ଗୁଣ୍ଡ ପ୍ୟାକେଟ୍ ପିଛା ₹ 15ରେ ବିକ୍ରି ହୋଇଥାଏ । ଏହାର ଡ଼ଜନ ପିଛା ମୂଲ୍ୟ ₹ 144 । 8 ଡଜନ ପ୍ୟାକେଟ୍ ଉପରେ ଶତକଡ଼ା ଲାଭ କେତେ ହେବ ?

(1) 20 (2) 25 (3) 24 (4) 36

A certain brand of soap-powder is sold at ₹ 15 per packet. It costs ₹ 144 a dozen. What is the profit in percent on 8 dozen packets ?

(1) 20 (2) 25 (3) 24 (4) 36

10. ବୃହତ୍ତମ ସଂଖ୍ୟାଟି ବାହାର କର ଯାହା 37, 56, 93 କୁ ଭାଗ କଲେ ଭାଗଫଳ ଯଥାକ୍ରମେ 1, 2 ଓ 3 ରହିବ ।

(1) 9 (2) 18 (3) 15 (4) 12

Find the greatest number that will divide 37, 56, 93 leaving remainder 1, 2 and 3 respectively.

(1) 9 (2) 18 (3) 15 (4) 12

**11.** ଏକ କାର୍ଯ୍ୟକୁ 10 ଜଣ ଲୋକ ଯଦି 4 ଦିନରେ କରିପାରନ୍ତି, ତେବେ ସେହି କାର୍ଯ୍ୟକୁ 5 ଦିନରେ ପୂରା କରିବା ପାଇଁ କେତେଜଣ ଲୋକ ଆବଶ୍ୟକ ହେବେ ?

(1) 10 (2) 8 (3) 40 (4) 12

If 10 men can do a piece of work in 4 days, how many men will be required to get the same work done in 5 days ?

(1) 10 (2) 8 (3) 40 (4) 12

**12.** 21 ଟି ଛେଳି 15 ଟି ଗାଈଙ୍କ ସମତୁଲ୍ୟ ପରିମାଣର ଖାଇଥାନ୍ତି । କେତୋଟି ଛେଳି 35 ଟି ଗାଈଙ୍କ ସମତୁଲ୍ୟ ପରିମାଣର ଖାଇବେ ?

(1) 38 (2) 49 (3) 37 (4) 41

21 goats eat as much as 15 cows. How many goats eat as much as 35 cows ?

(1) 38 (2) 49 (3) 37 (4) 41

**13.** ଜଣେ ମେକାନିକ 9 ଟି କାର୍ ମରାମତି କରି ₹ 36,000 ରୋଜଗାର କରିଥାନ୍ତି । ଯଦି 1 ଦିନରେ ସେ 27 ଟି କାର୍ ମରାମତି କରନ୍ତି, ତେବେ ସେ 1 ଦିନରେ କେତେ ରୋଜଗାର କରିବେ ?

(1) ₹ 1,08,000 (2) ₹ 1,80,000

(3) ₹ 1,00,800 (4) ₹ 1,00,080

A mechanic earns ₹ 36,000 on 9 cars. How much will he earn in 1 day, if in a day he receives 27 cars ?

(1) ₹ 1,08,000 (2) ₹ 1,80,000

(3) ₹ 1,00,800 (4) ₹ 1,00,080

**14.** ଯଦି $x : y = 3 : 5$, ତେବେ $3x + 4y : 8x + 5y$ ଅନୁପାତର ମୂଲ୍ୟ ବାହାର କର ।

(1) 39 : 49 (2) 29 : 50

(3) 29 : 49 (4) 39 : 50

If $x : y = 3 : 5$, find the ratio $3x + 4y : 8x + 5y$.

(1) 39 : 49 (2) 29 : 50

(3) 29 : 49 (4) 39 : 50

**15.** ଯଦି 3, 18, m, 42 ସମାନୁପାତରେ ରହିଥାନ୍ତି, ତେବେ m ର ମାନ ନିର୍ଣ୍ଣୟ କର ।

(1) 6 (2) 54

(3) 7 (4) 252

Find the value of m, if 3, 18, m, 42 are in proportion.

(1) 6 (2) 54

(3) 7 (4) 252

**16.** ଏକ ଏନ୍‌ସିସି ଶିବିରରେ 1200 ପ୍ରଶିକ୍ଷାର୍ଥୀ ଭାଗ ନେଉଛନ୍ତି, ସେମାନଙ୍କ ମଧ୍ୟରୁ 900 ଜଣଙ୍କୁ ସାଧାରଣତନ୍ତ୍ର ଦିବସ ଶିବିର ପାଇଁ ବଛାଗଲା । ବଛାଯାଇଥିବା ଓ ବଛାନଯାଇଥିବା କ୍ୟାଡେଟ୍‌ଙ୍କ ଅନୁପାତ କେତେ ?

(1) 300 : 120 (2) 4 : 1 (3) 3 : 1 (4) 120 : 130

In an NCC Camp, 1200 trainees are participating out of which 900 are selected for Republic Day Camp. What is the ratio between the number of selected and non-selected cadets ?

(1) 300 : 120 (2) 4 : 1 (3) 3 : 1 (4) 120 : 130

**17.** ଜଣେ ବାଳକ ଏକ ବହିକୁ ₹ 450 ରେ ବିକ୍ରି କଲେ 10% କ୍ଷତି ସହିଥାଏ । 10% ଲାଭ ପାଇବା ପାଇଁ ବହିର ବିକ୍ରି ମୂଲ୍ୟ କେତେ ହେବା ଆବଶ୍ୟକ ?

(1) ₹ 500 (2) ₹ 600 (3) ₹ 550 (4) ₹ 525

If a boy sells a book for ₹ 450, he makes a loss of 10%. To gain 10%, what should be the selling price ?

(1) ₹ 500 (2) ₹ 600 (3) ₹ 550 (4) ₹ 525

**18.** ଜଣେ ବ୍ୟକ୍ତି ଏକ ସ୍ପିକରକୁ 20% ଲାଭ ରଖି ₹ 7,500 ରେ ଓ ଅନ୍ୟ ଏକ ସ୍ପିକରକୁ 10% କ୍ଷତିରେ ₹ 8,100 ରେ ବିକ୍ରି କରନ୍ତି । ତାଙ୍କର ମୋଟ କ୍ଷତି କିମ୍ବା ଲାଭ ବାହାର କର ।

(1) କ୍ଷତି = ₹ 300 (2) କ୍ଷତି = ₹ 350

(3) ଲାଭ = ₹ 300 (4) ଲାଭ = ₹ 350

A man sells one speaker for ₹ 7,500 at a profit of 20% and another speaker for ₹ 8,100 at a loss of 10%. Find his total loss or profit.

(1) Loss = ₹ 300 (2) Loss = ₹ 350

(3) Profit = ₹ 300 (4) Profit = ₹ 350

19. ସରଳ କର $(8 + 4 - 2) \times (17 - 12) \times 10 - 89 =$ _________ .

(1) 3950 (2) 411 (3) 412 (4) 3949

Simplify $(8 + 4 - 2) \times (17 - 12) \times 10 - 89 =$ _________ .

(1) 3950 (2) 411 (3) 412 (4) 3949

20. ସରଳ କର $0{\cdot}05 + 1{\cdot}5 \times 5 \div 10 \times 0{\cdot}5 =$ _________ .

(1) 4·25 (2) 42·5 (3) 0·425 (4) 0·42

Simplify $0{\cdot}05 + 1{\cdot}5 \times 5 \div 10 \times 0{\cdot}5 =$ _________ .

(1) 4·25 (2) 42·5 (3) 0·425 (4) 0·42

21. ସରଳ କର $7 + 5 - 2 \times (7 + 89) - 94 \div 2 + (33 \div 3 + 9 \times 2 - 7) \div 11 =$ _________ .

(1) 254 (2) – 225 (3) – 235 (4) 245

Simplify $7 + 5 - 2 \times (7 + 89) - 94 \div 2 + (33 \div 3 + 9 \times 2 - 7) \div 11 =$ _________ .

(1) 254 (2) – 225 (3) – 235 (4) 245

22. ଏକ ଶ୍ରେଣୀରେ 20 ଜଣ ପିଲାଙ୍କ ହାରାହାରି ଓଜନ 160 kg ଓ ଅବଶିଷ୍ଟ 5 ଜଣ ପିଲାଙ୍କ ହାରାହାରି ଓଜନ 50 kg ଅଟେ । ଶ୍ରେଣୀରେ ସମସ୍ତ ପିଲାଙ୍କ ହାରାହାରି ଓଜନ ନିର୍ଣ୍ଣୟ କର ।

(1) 138 kg (2) 183 kg (3) 140 kg (4) 150 kg

The average weight of 20 boys in a class is 160 kg and that of the remaining 5 boys is 50 kg. Find the average weight of all the boys in the class.

(1) 138 kg (2) 183 kg (3) 140 kg (4) 150 kg

23. ଏକ ସମୂହରେ 7 ଜଣ ବିଦ୍ୟାର୍ଥୀଙ୍କ ଦ୍ୱାରା ପ୍ରାପ୍ତ ହାରାହାରି ଅଙ୍କ 226 ଅଟେ । ଯଦି ସେମାନଙ୍କ ମଧ୍ୟରୁ ଛଅଜଣ ପ୍ରାପ୍ତ କରିଥିବା ଅଙ୍କ ଯଥାକ୍ରମେ 340, 180, 260, 56, 275 ଏବଂ 307 ହୋଇଥାଏ, ତେବେ ସପ୍ତମ ବିଦ୍ୟାର୍ଥୀ ପ୍ରାପ୍ତ କରିଥିବା ଅଙ୍କ ନିର୍ଣ୍ଣୟ କର ।

(1) 160 (2) 162 (3) 163 (4) 164

The average marks obtained by 7 students in a group is 226. If the marks obtained by six of them are 340, 180, 260, 56, 275 and 307 respectively, find the marks obtained by the seventh student.

(1) 160 (2) 162 (3) 163 (4) 164

**24.** ଏକ ଲାଇବ୍ରେରୀକୁ ରବିବାର ଦିନ ହାରାହାରି 510 ଆଗନ୍ତୁକ ଏବଂ ଅନ୍ୟ ଦିବସରେ ହାରାହାରି 240 ଆଗନ୍ତୁକ ଆସିଥାନ୍ତି । ରବିବାରଠାରୁ ଆରମ୍ଭ ହେଉଥିବା ଏକ 30 ଦିନିଆ ମାସରେ ଆଗନ୍ତୁକଙ୍କ ହାରାହାରି ସଂଖ୍ୟା ଅଟେ

(1) 280 (2) 285 (3) 290 (4) 295

A library has an average of 510 visitors on Sundays and 240 on other days. The average number of visitors in a month of 30 days starting with Sunday is

(1) 280 (2) 285 (3) 290 (4) 295

**25.** ଜଣେ ବ୍ୟାଟ୍ସମ୍ୟାନ୍ 17 ତମ ମ୍ୟାଚ୍‌ରେ 87 ରନ୍‌ର ସ୍କୋର୍ କଲେ, ଯାହାଫଳରେ ତାଙ୍କର ହାରାହାରି ରନ୍ ସ୍କୋର୍‌ରେ 3 ବୃଦ୍ଧି ପାଇଲା । 17 ତମ ମ୍ୟାଚ୍ ପରେ ତାଙ୍କର ହାରାହାରି ରନ୍ ନିର୍ଣ୍ଣୟ କର ।

(1) 36 (2) 37 (3) 38 (4) 39

A batsman makes a score of 87 runs in the $17^{th}$ match and thus increases his average by 3. Find his average after the $17^{th}$ match.

(1) 36 (2) 37 (3) 38 (4) 39

**26.** 1, 3, 5, 7, 9, 11, 13 ର ହାରାହାରି ହେଉଛି

(1) 7 (2) 8 (3) 7·5 (4) 8·5

Average of 1, 3, 5, 7, 9, 11, 13 is

(1) 7 (2) 8 (3) 7·5 (4) 8·5

**27.** ଯଦି y ର x% 100 ହୁଏ, ଏବଂ z ର y% 200 ହୁଏ, ତେବେ x ଏବଂ z ମଧ୍ୟରେ ସମ୍ପର୍କ ନିର୍ଣ୍ଣୟ କର ।

(1) $z = x$ (2) $2z = x$

(3) $z = 2x$ (4) $z = 3x$

If x% of y is 100 and y% of z is 200, then find the relation between x and z.

(1) $z = x$ (2) $2z = x$

(3) $z = 2x$ (4) $z = 3x$

**28.** ଏକ ସଂଖ୍ୟାର ଦୁଇ–ପଞ୍ଚମାଂଶ (2/5)ର ଏକ–ତୃତୀୟାଂଶର ଏକ–ଚତୁର୍ଥାଂଶ 15 ଅଟେ । ସେହି ସଂଖ୍ୟାର 40% କେତେ ହେବ ?

(1) 140 (2) 150 (3) 180 (4) 200

One-fourth of one-third of two-fifth of a number is 15. What will be 40% of that number ?

(1) 140 (2) 150 (3) 180 (4) 200

**29.** ଯଦି 40 ର 15%ଏକ ସଂଖ୍ୟାର 25% ଠାରୁ 2 ଅଧିକ ହୁଏ, ତେବେ ସେହି ସଂଖ୍ୟାଟି ହେଉଛି

(1) 14 (2) 16 (3) 18 (4) 20

If 15% of 40 is greater than 25% of a number by 2, then the number is

(1) 14 (2) 16 (3) 18 (4) 20

**30.** ଏକ ଆୟତାକାର ଖେଳପଡ଼ିଆର କ୍ଷେତ୍ରଫଳ 700 ବର୍ଗ ମି.ଏବଂ ପ୍ରସ୍ଥ 25 ମି. ହୋଇଥିଲେ ତାହାର ଦୈର୍ଘ୍ୟ ସେ.ମି.ରେ ନିର୍ଣ୍ଣୟ କର ।

(1) 28 (2) 280

(3) 2800 (4) 2500

Find the length of a rectangular playground in cm whose area is 700 sq.m and breadth is 25 m.

(1) 28 (2) 280

(3) 2800 (4) 2500

**31.** ରୀନା ସରଳ ସୁଧରେ, ଯେତିକି ସୁଧର ହାର ସେତିକି ମାସ ପାଇଁ, ₹ 1,200 ର ଋଣ ନେଲେ । ଋଣର ଅବଧି ସମାପ୍ତିରେ ଯଦି ସେ ସୁଧ ଆକାରରେ ₹ 432 ପୈଠ କରିଥାନ୍ତି, ତେବେ ସୁଧ ହାର କ'ଣ ଥିଲା ?

(1) 3·6 (2) 6

(3) 18 (4) 10

Reena took a loan of ₹ 1,200 with simple interest for as many years as the rate of interest. If she paid ₹ 432 as interest at the end of the loan period, what was the rate of interest ?

(1) 3·6 (2) 6

(3) 18 (4) 10

**32.** ଘଣ୍ଟାରେ 7:15 pm ବାଜିଥିବା ସମୟରେ ସଂଘଟିତ କୋଣର ନାମ ଲେଖ ।

(1) ସୂକ୍ଷ୍ମ କୋଣ (2) ସମ କୋଣ

(3) ସ୍ଥୂଳ କୋଣ (4) ସରଳ କୋଣ

Write the name of the angle formed when the clock time is 7:15 pm.

(1) Acute angle (2) Right angle

(3) Obtuse angle (4) Straight angle

**33.** ନିମ୍ନପ୍ରଦତ୍ତ ସାରଣୀରେ ନ୍ୟୁୟର୍କ ସହରର ଗତ ବର୍ଷର ଅଧିକତମ ତାପମାତ୍ରା ଦର୍ଶାଯାଇଛି । ଏହି ସାରଣୀର ସୂଚନାକୁ ବ୍ୟବହାର କରି ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ :

ନ୍ୟୁୟର୍କ ସହରର ଗତ ବର୍ଷର ତିନିମାସ ମେ, ଜୁଲାଇ ଓ ସେପ୍ଟେମ୍ବରର ହାରାହାରି ଅଧିକତମ ତାପମାତ୍ରା (ଦଶମିକ 2 ସ୍ଥାନ ପର୍ଯ୍ୟନ୍ତ) କେତେ ଥିଲା ?

| ମାସ | ଜାନୁଆରୀ | ମାର୍ଚ୍ଚ | ମେ | ଜୁଲାଇ | ସେପ୍ଟେମ୍ବର | ନଭେମ୍ବର |
|---|---|---|---|---|---|---|
| ଅଧିକତମ ତାପମାତ୍ରା, °C ରେ | 3 | 9 | 21 | 29 | 24 | 11 |

(1) 21·65°C (2) 24·66°C (3) 25·52°C (4) 26·23°C

The table below shows the maximum temperatures in New York City last year. Use the information in this table and answer the following :

What was the average maximum temperature (upto 2 decimal places) of three months May, July and September last year in New York City ?

| Month | Jan. | Mar. | May | Jul. | Sept. | Nov. |
|---|---|---|---|---|---|---|
| Maximum temperature, in °C | 3 | 9 | 21 | 29 | 24 | 11 |

(1) 21·65°C (2) 24·66°C (3) 25·52°C (4) 26·23°C

**34.** ସକାଳର ତାପମାତ୍ରା – 10°C ରହିଥିଲା ଏବଂ ସନ୍ଧ୍ୟା ସୁଦ୍ଧା ଏହା 3 ଡିଗ୍ରୀ ହ୍ରାସ ପାଇଲା । ସନ୍ଧ୍ୟାବେଳର ତାପମାତ୍ରା କେତେ ଥିଲା ?

(1) – 7°C (2) – 23°C (3) – 13°C (4) – 12°C

In the morning, the temperature was – 10°C and it decreased 3 degrees by the evening. What was the temperature in the evening ?

(1) – 7°C (2) – 23°C (3) – 13°C (4) – 12°C

**35.** ଏକ ଆୟତାକାର ବଗିଚାର ଦୈର୍ଘ୍ୟ 185 ମି. ଓ ପ୍ରସ୍ଥ 220 ମି. ଅଟେ । ଏହାର କେନ୍ଦ୍ରଭାଗରେ 4 ମି. ସମାନ ପ୍ରସ୍ଥର ଦୁଇଟି ସଡ଼କ ରହିଛି, ଗୋଟିଏ ସଡ଼କ ଏହାର ଦୈର୍ଘ୍ୟସହ ସମାନ୍ତର ଓ ଅନ୍ୟଟି ତାହାର ପ୍ରସ୍ଥସହ ସମାନ୍ତର ଅଟେ । ବର୍ଗ. ମି. ପିଛା ₹ 1·25 ହାରରେ ସଡ଼କକୁ ସମତଳ କରାଇବା ଲାଗି କେତେ ଖର୍ଚ୍ଚ ହେବ ବାହାର କର ।

(1) ₹ 3,900 (2) ₹ 3,010 (3) ₹ 4,010 (4) ₹ 2,005

A rectangular garden is 185 m long and 220 m wide. It has two roads in its centre of uniform width of 4 m, one parallel to its length and the other parallel to its breadth. Find the cost of levelling the roads at ₹ 1·25 per sq.m.

(1) ₹ 3,900 (2) ₹ 3,010 (3) ₹ 4,010 (4) ₹ 2,005

**36.** ଏକ ଡେସିମିଟର ସମାନ

(1) $1 \times 10^{-1}$ ମି.
(2) $1 \times 10^{-2}$ ମି.
(3) $1 \times 10^{2}$ ମି.
(4) $1 \times 10^{3}$ ମି.

One decimeter is equal to

(1) $1 \times 10^{-1}$ m
(2) $1 \times 10^{-2}$ m
(3) $1 \times 10^{2}$ m
(4) $1 \times 10^{3}$ m

**37.** ରୋମାନ୍ ସଂଖ୍ୟା ପଦ୍ଧତିରେ, ଯଦି କୌଣସି ସଂକେତାକ୍ଷର ବାରମ୍ବାର ଲେଖାଯାଏ, ତେବେ ତାହା ଯେତେଥର ଲେଖାଯାଇଛି ସେତେଥର ପାଇଁ ତାହାର ମାନକୁ ଗୁଣାଯାଏ ନାହିଁ ।

(1) ସତ୍ୟ
(2) ମିଥ୍ୟା
(3) କୁହାଯାଇପାରିବ ନାହିଁ
(4) ଉଭୟ ସମାନ

In Roman numeration, if a symbol is repeated, its value is not multiplied as many times as it occurs.

(1) True
(2) False
(3) Cannot say
(4) Both are equal

**38.** ବୃତ୍ତର କୌଣସି ଏକ ବିନ୍ଦୁରେ ଅର୍ଦ୍ଧବୃତ୍ତର ବ୍ୟାସ ଦ୍ୱାରା ଉତ୍ପନ୍ନ କୋଣ ହେବ

(1) 45°
(2) 180°
(3) 90°
(4) 60°

The angle subtended by the diameter of a semicircle on any point on the circle is

(1) 45°
(2) 180°
(3) 90°
(4) 60°

**39.** ଏକ ବଡ଼ ଘନକ୍ଷେତ୍ରର ପ୍ରତ୍ୟେକ ଭାଗ 44 ସେ.ମି. ଅଟେ । ସେଥିରୁ ପ୍ରତ୍ୟେକ 4 ସେ.ମି. ଭାଗବିଶିଷ୍ଟ ଛୋଟ ଛୋଟ ଘନକ୍ଷେତ୍ର କାଟିନିଆଗଲା । ତେବେ ଅତି କମ୍‌ରେ ଗୋଟିଏ ଘନକ୍ଷେତ୍ର କୁ ଘୋରାଇବାପାଇଁ କେତୋଟି ଛୋଟ ଘନକ୍ଷେତ୍ର ଗଠିତ ହେବ ?

(1) 888
(2) 729
(3) 164
(4) 33

A big cube has each portion of 44 cm. Tiny cubes of 4 cm portion each are cut from that. Then how many tiny cubes will be formed that are surrounded by at least one cube ?

(1) 888
(2) 729
(3) 164
(4) 33

**40.** ଦୈର୍ଘ୍ୟ 15 ସେ.ମି., ପ୍ରସ୍ଥ 12 ସେ.ମି. ଏବଂ ଉଚ୍ଚତା 8 ସେ.ମି. ବିଶିଷ୍ଟ ଏକ ଆୟତାକାର ଟାଙ୍କିକୁ ସମ୍ପୂର୍ଣ୍ଣ ଭାବେ ପାଣିରେ ପୂର୍ଣ୍ଣ କରାଗଲା । ଟାଙ୍କିରେ ଭରି ରହିଥିବା ପାଣିର ଆୟତନ ନିର୍ଣ୍ଣୟ କର ।

(1) 180 ଘନ ସେ.ମି. (2) 1200 ଘନ ସେ.ମି.

(3) 440 ଘନ ସେ.ମି. (4) 1440 ଘନ ସେ.ମି.

A rectangular tank 15 cm long, 12 cm wide and 8 cm high was completely filled with water. Find the volume of water in the tank.

(1) 180 $cm^3$ (2) 1200 $cm^3$

(3) 440 $cm^3$ (4) 1440 $cm^3$

**41.** କେଉଁ ବିକଳ୍ପଟି ଭଗ୍ନାଂଶମାନଙ୍କର ଆରୋହୀ କ୍ରମରେ ସଜ୍ଜିତ ହୋଇଥିବାର ଦର୍ଶାଇଥାଏ ?

(1) $\frac{5}{8} < \frac{7}{12} < \frac{3}{4} < \frac{13}{16}$ (2) $\frac{5}{8} < \frac{7}{12} < \frac{13}{16} < \frac{3}{4}$

(3) $\frac{5}{8} < \frac{3}{4} < \frac{13}{16} < \frac{7}{12}$ (4) $\frac{7}{12} < \frac{5}{8} < \frac{3}{4} < \frac{13}{16}$

Which option shows fractions arranged in ascending order ?

(1) $\frac{5}{8} < \frac{7}{12} < \frac{3}{4} < \frac{13}{16}$ (2) $\frac{5}{8} < \frac{7}{12} < \frac{13}{16} < \frac{3}{4}$

(3) $\frac{5}{8} < \frac{3}{4} < \frac{13}{16} < \frac{7}{12}$ (4) $\frac{7}{12} < \frac{5}{8} < \frac{3}{4} < \frac{13}{16}$

**42.** 945·341 – 1042·792 + 875·435 + 31·025 ର ମୂଲ୍ୟ କେତେ ?

(1) 908·004 (2) 810·008

(3) 795·659 (4) 809·009

What is the value of 945·341 – 1042·792 + 875·435 + 31·025 ?

(1) 908·004 (2) 810·008

(3) 795·659 (4) 809·009

**43.** ଜଣେ ବ୍ୟକ୍ତି ଯାତ୍ରାର ପ୍ରଥମ 160 କିମିକୁ 64 କିମି/ଘଣ୍ଟାବେଗରେ ଓ ପରବର୍ତ୍ତୀ 160 କିମିକୁ 80 କିମି/ଘଣ୍ଟାବେଗରେ ଅତିକ୍ରମ କରନ୍ତି । ଯାତ୍ରାର ପ୍ରଥମ 320 କିମି ପାଇଁ ତାଙ୍କର ହାରାହାରି ବେଗ ହେଉଛି

(1) 35·55 କିମି/ଘଣ୍ଟା (2) 36 କିମି/ଘଣ୍ଟା

(3) 71·11 କିମି/ଘଣ୍ଟା (4) 71 କିମି/ଘଣ୍ଟା

A man on tour travels first 160 km at 64 km/hr and the next 160 km at 80 km/hr. The average speed for the first 320 km of the tour is

(1) 35·55 km/hr (2) 36 km/hr

(3) 71·11 km/hr (4) 71 km/hr

**44.** 2272 ତଥା 875 କୁ ତିନିଅଙ୍କବିଶିଷ୍ଟ ଏକ ସଂଖ୍ୟା N ଦ୍ୱାରା ଭାଗକଲେ, ଆମକୁ ସମାନ ଭାଗଶେଷ ମିଳେ । ସଂଖ୍ୟା N ରେ ଥିବା ଅଙ୍କଗୁଡ଼ିକର ଯୋଗଫଳ ହେଉଛି ।

(1) 10 (2) 11 (3) 12 (4) 13

On dividing 2272 as well as 875 by a 3-digit number N, we get the same remainder. The sum of the digits of N is

(1) 10 (2) 11 (3) 12 (4) 13

**45.** ଜୁଲିଆ ନିଜର ଚୁଟିକୁ ଧୋଇବା, କୁଣ୍ଡାଇବା ଏବଂ ପୋଷାକ ପିନ୍ଧିବା ପାଇଁ $\frac{1}{2}$ ଘଣ୍ଟା ଓ ପ୍ରାତଃଭୋଜନ କରିବା ପାଇଁ $\frac{1}{4}$ ଘଣ୍ଟା ସମୟ ନେଇଥାଏ । ସ୍କୁଲ୍ ଯିବା ସକାଶେ ପ୍ରସ୍ତୁତ ହେବା ପାଇଁ ଜୁଲିଆ କେତେ ସମୟ ନେଇଥାଏ ?

(1) $\frac{3}{4}$ ଘଣ୍ଟା (2) 1 ଘଣ୍ଟା (3) $\frac{2}{4}$ ଘଣ୍ଟା (4) $\frac{5}{4}$ ଘଣ୍ଟା

It takes Julia $\frac{1}{2}$ hour to wash, comb her hair and put on her clothes and $\frac{1}{4}$ hour to have her breakfast. How much time does it take Julia to be ready for school ?

(1) $\frac{3}{4}$ hour (2) 1 hour (3) $\frac{2}{4}$ hour (4) $\frac{5}{4}$ hour

**46.** ରୋମାନ୍ ସଂଖ୍ୟାଙ୍କରେ ଦର୍ଶିତ ନିମ୍ନଲିଖିତ କେଉଁ ସଂଖ୍ୟାଟି ***ଭୁଲ୍*** ଅଟେ ?

(1) LXII (2) XCI (3) LC (4) XLIV

Which of the following numbers in Roman Numerals is ***incorrect*** ?

(1) LXII (2) XCI (3) LC (4) XLIV

**47.** ଏକ ଘନ ପଦାର୍ଥରେ କେତୋଟି ପାର୍ଶ୍ୱ ରହିଥାଏ ?

(1) 6 (2) 12 (3) 8 (4) 4

How many faces are there in a cuboid ?

(1) 6 (2) 12 (3) 8 (4) 4

**48.** ଏକ ଆନୁଭୂମିକ ପୃଷ୍ଠ, ଯାହା ସବୁ ଦିଗକୁ ଅନିଶ୍ଚିତ ରୂପେ ବଢ଼ିଥାଏ, ତାହାକୁ କୁହାଯାଏ

(1) ସମତଳ (2) ରେଖା

(3) ରେଖାଖଣ୍ଡ (4) ବିନ୍ଦୁ

A flat surface which extends indefinitely in all directions is called a

(1) Plane (2) Line

(3) Line segment (4) Point

**49.** ଦୁଇଟି ଅନୁପୂରକ କୋଣ ମଧ୍ୟରେ ପାର୍ଥକ୍ୟ 10° ରହିଛି । ଉଭୟ କୋଣର ମାନ ଗଣନା କର ।

(1) 55°, 45° (2) 40°, 50°

(3) 50°, 60° (4) 100°, 90°

The difference between two complementary angles is 10°. Calculate the values of both the angles.

(1) 55°, 45° (2) 40°, 50°

(3) 50°, 60° (4) 100°, 90°

**50.** ବାଇଗଣ, ଭେଣ୍ଡି ଓ ପିଆଜର ମୋଟ ଓଜନ ହେଉଛି 48·057 କିଗ୍ରା । ଯଦି ବାଇଗଣ ଓ ଭେଣ୍ଡିର ଓଜନ ଯଥାକ୍ରମେ 5·35 କିଗ୍ରା ଏବଂ 24·52 କିଗ୍ରା ହୋଇଥାଏ, ତେବେ ପିଆଜର ଓଜନ ନିର୍ଣ୍ଣୟ କର ।

(1) 17·187 କିଗ୍ରା (2) 18·187 କିଗ୍ରା

(3) 17·180 କିଗ୍ରା (4) 18·180 କିଗ୍ରା

The total weight of brinjal, lady-finger and onion is 48·057 kg. If brinjal and lady-finger weigh 5·35 kg and 24·52 kg respectively, find the weight of onion.

(1) 17·187 kg (2) 18·187 kg

(3) 17·180 kg (4) 18·180 kg

## ଭାଗ ଖ / SECTION B

## ସାଧାରଣ ଜ୍ଞାନ / GENERAL KNOWLEDGE

**51.** ଯାନବାହନର ବେଗ ମାପିବା ପାଇଁ କେଉଁ ଯନ୍ତ୍ର ବ୍ୟବହୃତ ହୋଇଥାଏ ?

(1) ଗ୍ରାଭୋମିଟର (2) ସ୍ପିଡୋମିଟର

(3) ଗାଇରୋସ୍କୋପ୍ (4) କିଲୋମିଟର

Which device is used to measure the speed of vehicles ?

(1) Gravometer (2) Speedometer

(3) Gyroscope (4) Kilometer

**52.** ଭାରତ କେଉଁ ସ୍ମାରକରୁ ନିଜର ଜାତୀୟ ପ୍ରତୀକ ଭାବେ ଚୟନ କରିଛି ?

(1) କପିଳାବସ୍ତୁ (2) ହସ୍ତିନାପୁର

(3) ସାରନାଥ (4) ପାନିପତ

From which monument did India adopt its National Emblem ?

(1) Kapilavastu (2) Hastinapur

(3) Sarnath (4) Panipat

**53.** ନିମ୍ନଲିଖିତ କେଉଁ ନୃତ୍ୟ ଶୈଳୀ ମଧ୍ୟରୁ କାହାଣୀ/ପ୍ରସଙ୍ଗରେ ସର୍ବଦା ମହାଭାରତ ଓ ରାମାୟଣରୁ ନିଆଯାଇଥାଏ ?

(1) ମୋହିନୀଅଟ୍ଟମ୍ (2) ଓଡ଼ିଶୀ

(3) ଭାରତନାଟ୍ୟମ୍ (4) କୁଚିପୁଡ଼ି

In which of the following styles of dance is the story/theme always taken from Mahabharata and Ramayana ?

(1) Mohiniattam (2) Odissi

(3) Bharatanatyam (4) Kuchipudi

**54.** ଆମର ରାଷ୍ଟ୍ରୀୟ କ୍ୟାଲେଣ୍ଡର (ଶକ ସମ୍ବତ୍) ଆଧାରରେ ମାସଗୁଡ଼ିକୁ ସଠିକ୍ କ୍ରମରେ ସଜାଅ — a-ଚୈତ୍ର b-ବୈଶାଖ c-ଜ୍ୟେଷ୍ଠ d-ଆଷାଢ଼ :

(1) abcd (2) bcda (3) dacb (4) cdab

Arrange the months based on our National Calendar (Saka Era) in correct serial order — a-Chaitra b-Vaishakha c-Jyaishtha d-Aashada :

(1) abcd (2) bcda (3) dacb (4) cdab

**55.** ନିମ୍ନ ମଧ୍ୟରୁ କେଉଁଟି ଏକ ଲଢୁଆ ବିମାନ ଅଟେ ?

(1) ତେଜସ୍ (2) ଧ୍ରୁବ

(3) ବୋଇଙ୍ଗ C-17 ଗ୍ଲୋବମାଷ୍ଟର୍ (4) ଚେତକ

Which one of the following is a combat aircraft ?

(1) Tejas (2) Dhruv

(3) Boeing C-17 Globemaster (4) Chetak

**56.** ନିମ୍ନଲିଖିତ ମଧ୍ୟରୁ କେଉଁ କପ୍/ଟ୍ରଫି ଫୁଟବଲ୍ ଖେଳ ସହ ସମ୍ବନ୍ଧିତ ?

(1) ଡେଭିସ୍ କପ୍ (2) ଚାମ୍ପିୟନ୍ସ ଟ୍ରଫି

(3) ସନ୍ତୋଷ ଟ୍ରଫି (4) ଦେଓଧର ଟ୍ରଫି

Which of the following cups/trophies is associated with football ?

(1) Davis Cup (2) Champions trophy

(3) Santosh Trophy (4) Deodhar Trophy

**57.** ପିମ୍ପୁଡ଼ିମାନେ ନିଜ ନିଜ ସମୂହର ପିମ୍ପୁଡ଼ିମାନଙ୍କୁ କିପରି ଚିହ୍ନିଥାନ୍ତି ?

(1) ରଙ୍ଗ ଦ୍ୱାରା (2) ଚେହେରା ଦ୍ୱାରା

(3) ଗନ୍ଧ ଦ୍ୱାରା (4) ଉଚ୍ଚତା ଦ୍ୱାରା

How do ants recognize ants from their group ?

(1) By colour (2) By face

(3) By smell (4) By height

**58.** ନିମ୍ନ ମଧ୍ୟରୁ କାହାର ପାଳନ ପୋଲ୍ଟ୍ରି ଫାର୍ମରେ କରାଯାଇଥାଏ ?

(1) ଛେଳି (2) ମେଣ୍ଢା (3) କୁକୁଡ଼ା (4) ଘୋଡ଼ା

Which of the following is domesticated in poultry farms ?

(1) Goat (2) Sheep (3) Hen (4) Horses

**59.** ___________ ସାରା ଜିଭରେ ବ୍ୟାପ୍ତ ଏବଂ ଏହାଖାଦ୍ୟରେ ଥିବା ରସାୟନ ସହ ପ୍ରତିକ୍ରିୟାଶୀଳ ହୋଇଥାଏ ?

(1) ସ୍ୱାଦକଳିକା (2) ସମ୍ବରଣୀ (ସ୍ଫିଙ୍କଟର୍)

(3) ଦାନ୍ତ (4) ତ୍ୱଚା

The __________ cover the tongue and react to chemicals in food.

(1) Taste Buds (2) Sphincters

(3) Teeth (4) Skin

**60.** ଖାଦ୍ୟ ସଂରକ୍ଷଣରେ ହିମୀକରଣର କାର୍ଯ୍ୟ କ'ଣ ?

(1) ଖାଦ୍ୟ ଉତ୍ପାଦକୁ କଠିନ ରଖିଥାଏ

(2) ଖାଦ୍ୟର ସୁଗନ୍ଧକୁ ସତେଜ ରଖିଥାଏ

(3) ସୂକ୍ଷ୍ମଜୀବୀଙ୍କ ବୃଦ୍ଧିକୁ ପ୍ରତିରୋଧ କରିଥାଏ

(4) ଉପରୋକ୍ତ କୌଣସିଟି ନୁହେଁ

What does freezing do when preserving foods ?

(1) Keeps the food product hard

(2) Keeps the flavours of the food fresh

(3) Stops growth of micro-organisms

(4) None of the above

**61.** ଛୁଇଁ ଓ ମେପଲର ବୀଜକୁ ବାୟୁ ସୁଦୂର ଦୂରତା ପର୍ଯ୍ୟନ୍ତ ବୋହି ନେଇଯାଇଥାଏ କାରଣ ଏଥିରେ

(1) ପକ୍ଷଯୁକ୍ତ ବୀଜ ରହିଥାଏ ।

(2) ବଡ଼ ଓ ଲୋମଯୁକ୍ତ ବୀଜ ରହିଥାଏ ।

(3) ଲମ୍ବା ଓ ଧାରଯୁକ୍ତ ଫଳ ରହିଥାଏ ।

(4) କଣ୍ଟାଳିଆ ବୀଜ ରହିଥାଏ ।

Seeds of drumstick and maple are carried over long distances by wind because they possess

(1) winged seeds.

(2) large and hairy seeds.

(3) long and ridged fruits.

(4) spiny seeds.

**62.** __________ ହେଉଛି ରାଜସ୍ଥାନର ପାରମ୍ପରିକ ବର୍ଷାଜଳ ସଂରକ୍ଷଣ କୌଶଳ ।

(1) ଟାଁକା (2) ଖଡ଼ିନ (3) ବାଓଡ଼ି (4) କୂଅ

__________ is a traditional rainwater harvesting technique of Rajasthan.

(1) Taanka (2) Khadin (3) Bavadi (4) Kuan

**63.** ନିମ୍ନଲିଖିତ ମଧ୍ୟରୁ କେଉଁଟି ଜଳରେ ଦ୍ରବୀଭୂତ ହୋଇଯିବ ?

(1) ମୃତ୍ତିକା (2) ଚକ୍ ପାଉଡର

(3) ଚିନି (4) ତେଲ

Which of the following will dissolve in water ?

(1) Soil (2) Chalk Powder

(3) Sugar (4) Oil

**64.** ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ସଂକ୍ରାମକ ରୋଗ ଅଟେ ?

(1) ମଧୁମେହ (2) ହାଡ଼ଫୁଟି

(3) ଆଲଝାଇମର୍ସ (4) କ୍ୟାନସର୍

Which of the following is a communicable disease ?

(1) Diabetes (2) Chicken pox

(3) Alzheimer's (4) Cancer

**65.** ପର୍ବତାରୋହଣ ପାଇଁ, ଆମକୁ

(1) ଆଗକୁ ନଇଁବାକୁ ହେବ (2) ପଛକୁ ନଇଁବାକୁ ହେବ

(3) ସିଧା ଚାଲିବାକୁ ହେବ (4) ତେରଛା (ଏକ-ତରଫା) ଚାଲିବାକୁ ହେବ

To climb the mountains, we have to

(1) Bend forward (2) Bend backwards

(3) Walk straight (4) Walk sideways

**66.** ରାଜସ୍ଥାନର ରାଜପୁତ ରାଜା ସୱାଇ ଜୟ ସିଂହଙ୍କ ଦ୍ୱାରା ୧୮ତମ ଶତାବ୍ଦୀରେ ନିର୍ମିତ ଜ୍ୟୋତିର୍ବିଜ୍ଞାନ ପର୍ଯ୍ୟବେକ୍ଷଣାଗାରର ନାମ କ'ଣ ?

(1) ଲାଲ କିଲା (2) କୁତୁବ ମୀନାର

(3) ଜନ୍ତର ମନ୍ତର (4) ତାଜ ମହଲ

Name an astronomical observatory built in the $18^{th}$ century by Rajput King Sawai Jai Singh of Rajasthan.

(1) Red Fort (2) Qutub Minar

(3) Jantar Mantar (4) Taj Mahal

**67.** ____________ ମଧ୍ୟରେ ଆଭ୍ୟନ୍ତରୀଣ ଶିଳା, ଖଣିଜ ଇତ୍ୟାଦି ଅନ୍ତର୍ଭୁକ୍ତ ।

(1) ବାୟୁମଣ୍ଡଳ (2) ଜୈବମଣ୍ଡଳ

(3) ଗୋଲାର୍ଦ୍ଧ (4) ଭୂମଣ୍ଡଳ

_____________ includes internal rocks, minerals, etc.

(1) Atmosphere (2) Biosphere

(3) Hemisphere (4) Geosphere

**68.** ଲକ୍ଷ ଲକ୍ଷ ବର୍ଷ ପୂର୍ବେ ପୋତି ହୋଇରହିଥିବା ଉଦ୍ଭିଦ ଓ ପ୍ରାଣୀମାନଙ୍କ ଅବଶେଷ କେଉଁ ନାମରେ ଜଣାଶୁଣା ?

(1) ସମ୍ଭାବ୍ୟ ସମ୍ପଦ (2) ଜୀବାଶ୍ମ ଇନ୍ଧନ

(3) ଜୈବମାତ୍ରା ଇନ୍ଧନ (4) ସଜୀବ ଶକ୍ତି

The remains of plants and animals that were buried millions of years ago are known as

(1) potential reserves (2) fossil fuels

(3) biomass fuel (4) animate power

**69.** ରସଗୋଲା ___________ ରାଜ୍ୟର ଏକ ଲୋକପ୍ରିୟ ମିଷ୍ଟାନ୍ନ ଅଟେ ।

(1) ପଶ୍ଚିମବଙ୍ଗ (2) ପଞ୍ଜାବ

(3) କେରଳ (4) ହିମାଚଳ ପ୍ରଦେଶ

Rasgulla is a popular sweet of ___________ .

(1) West Bengal (2) Punjab

(3) Kerala (4) Himachal Pradesh

**70.** ନିମ୍ନଲିଖିତ ମଧ୍ୟରୁ କେଉଁଟି ଭାରତର ଏକ ଆଦିବାସୀ ସମ୍ପ୍ରଦାୟ ଅଟେ ?

(1) ପଣ୍ଡିତ (2) ଜାଟ

(3) ଭୀଲ (4) ପଞ୍ଜାବୀ

Which of the following is a tribal community of India ?

(1) Pandits (2) Jaat

(3) Bhil (4) Punjabi

**71.** ମେଘ ପ୍ରାୟତଃ ଗଠିତ ହୋଇଥାଏ

(1) ବରଫରୁ (2) ଧୂଳିରୁ

(3) ଜଳ କଣିକାରୁ (4) ଧୂମ–କୁହୁଡ଼ିରୁ

Clouds are mostly made of

(1) snow (2) dust

(3) water droplets (4) smog

**72.** ନିମ୍ନଲିଖିତ କେଉଁ କୃତି ପାଇଁ ବାସଦେବ ମୋହିଙ୍କୁ 29ତମ ସରସ୍ୱତୀ ସମ୍ମାନ ପ୍ରଦାନ କରାଯାଇଥିଲା ?

(1) ଲଷ୍ଟ ଚିଲ୍ଡ୍ରେନ୍ ଆର୍କାଇଭ୍ (2) ଚେକ୍‌ବୁକ୍

(3) ଦି ଷ୍ଟ୍ରେଞ୍ଜର୍ ଡାଇରିଜ୍ (4) ଏ ସଙ୍ଗ୍ ଫର୍ ଏ ନ୍ୟୁ ଡେ

For which of the following works has Vasdev Mohi been awarded the 29th Saraswati Samman ?

(1) Lost Children Archive (2) Chequebook

(3) The Stranger Diaries (4) A Song for a New Day

**73.** ମିଳିତ ଜାତିସଂଘ ସାଧାରଣ ସଭାର ଅଧ୍ୟକ୍ଷ ହୋଇଥିବା ପ୍ରଥମ ଭାରତୀୟ କିଏ ?

(1) ନଟୱର ସିଂହ (2) ଭି.କେ. କ୍ରୀଷ୍ଣା ମେନନ୍

(3) ଶ୍ରୀମତୀ ବିଜୟ ଲକ୍ଷ୍ମୀ ପଣ୍ଡିତ (4) ଶ୍ରୀମତୀ ଇନ୍ଦିରା ଗାନ୍ଧୀ

Who was the first Indian to be the President of U.N. General Assembly ?

(1) Natwar Singh (2) V.K. Krishna Menon

(3) Smt. Vijaya Lakshmi Pandit (4) Smt. Indira Gandhi

**74.** ମନୁଷ୍ୟ ଶରୀରର ନିମ୍ନଲିଖିତ କେଉଁ ଭାଗରେ ସ୍ୱେଦଗ୍ରନ୍ଥି ଅନୁପସ୍ଥିତ ଥାଏ ?

(1) ଶିରୋବଲ୍କଳ (2) କାଖ

(3) ଓଠ (4) ପାପୁଲି

In which of the following parts of the human body are sweat glands absent ?

(1) Scalp (2) Armpits

(3) Lips (4) Palms

**75.** କଙ୍ଗାରୁ ଛୁଆଙ୍କୁ ଆମେ କ'ଣ କହିଥାଉ ?

(1) ଫୋଲ୍ (2) କୋଲ୍ଟ

(3) ଜୋଇ (4) କବ୍

What do we call the young one of a Kangaroo ?

(1) Foal (2) Colt

(3) Joey (4) Cub

## ଭାଗ ଗ / SECTION C

## ଭାଷା / LANGUAGE

### (କେବଳ ଓଡ଼ିଆ ଭାଷାରେ ପ୍ରୟାସ କରୁଥିବା ପ୍ରାର୍ଥୀମାନଙ୍କ ପାଇଁ)

***ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦଟି ପଢ଼ି ଓ ପ୍ରଶ୍ନ ସଂଖ୍ୟା 76 ରୁ 80 ର ଉତ୍ତର ଦିଅ ।***

ରାଜାଙ୍କ ଦରବାର ରେ ଏକ ବ୍ୟବସାୟୀ ସିନ୍ଦୁକ ସହିତ ପହଞ୍ଚିଲା । ସେ ଗର୍ବରେ କହିଲା, ମହାରାଜ ମୁଁ ଏକ ବ୍ୟବସାୟୀ ଏବଂ ବିନା ମଞ୍ଜି ଓ ପାଣିରେ ଗଛ କରିପାରେ, ଆପଣଙ୍କ ପାଇଁ ମୁଁ ଏକ ଉପହାର ଆଣିଛି । କିନ୍ତୁ ଯେହେତୁ ଆପଣଙ୍କ ଦରବାରରେ ଜଣକୁ ବଳି ଜଣେ ଜ୍ଞାନୀ–ଧ୍ୟାନୀ ଲୋକ ଅଛନ୍ତି ତେଣୁ ପ୍ରଥମେ ମତେ କିଏ ଜଣେ କହୁ କି ଏଇ ସିନ୍ଦୁକରେ କ'ଣ ଅଛି ? ଯଦି କହିଦେବେ ତାହାହେଲେ ଆପଣଙ୍କ ଦରବାରରେ ଚାକିରୀ କରିବାକୁ ରାଜି । ସଭାସଦ୍ ମାନେ ପଣ୍ଡିତ, ପୁରୋହିତ ଏବଂ ଜ୍ୟୋତିଷଶାସ୍ତ୍ରୀ ମାନଙ୍କୁ ଚାହିଁଲେ । କିନ୍ତୁ ସେମାନେ ମୁଣ୍ଡ ତଳକୁ କରିଦେଲେ ।

**76.** ବ୍ୟବସାୟୀ କ'ଣ ଧରି ସଭାରେ ପହଞ୍ଚିଲେ ?

(1) ପନିପରିବା (2) ଫଳମୂଳ (3) ସୁନାରୁପା (4) ସିନ୍ଦୁକ

**77.** ସେ କ'ଣ ବିନା ଗଛ କରି ପାରୁଥିଲେ ।

(1) ପାଣି (2) ମଞ୍ଜି ଓ ପାଣି (3) ସୂର୍ଯ୍ୟକିରଣ (4) ମାଟି

**78.** ଦରବାରରେ କିପରି ବ୍ୟକ୍ତିମାନେ ଥିଲେ ।

(1) ଜ୍ଞାନୀ–ଧ୍ୟାନୀ (2) ମୂର୍ଖ

(3) ଜ୍ଞାନୀ (4) ମନ୍ତ୍ରୀପରିଷଦ

**79.** ସଭାସଦ୍‌ମାନେ ପଣ୍ଡିତ ପୁରୋହିତ ଏବଂ ଜ୍ୟୋତିଷମାନଙ୍କୁ ଚାହିଁ ବାରୁ ସେମାନେ କ'ଣ କଲେ ?

(1) ହସିଲେ (2) ମୁଣ୍ଡ ତଳକୁ କଲେ

(3) କାନ୍ଦିଲେ (4) ଲାଜକଲେ

**80.** ସିନ୍ଦୁକରେ କ'ଣ ଅଛି କହିଦେଲେ ବ୍ୟବସାୟୀ କ'ଣ କରିବେ ବୋଲି କହିଲେ ?

(1) ଚାକିରୀ କରିବେ (2) ବ୍ୟବସାୟ କରିବେ

(3) ହାଟରେ ବସିବେ (4) ଗୋପାଳନ କରିବେ

ନିମ୍ନରେ ଦିଆଯାଇଥିବା ପଦଗୁଡ଼ିକୁ ସଜାଡ଼ି ଅର୍ଥପୂର୍ଣ୍ଣ ବାକ୍ୟ ଗଠନ କର ଏବଂ ଠିକ୍ କ୍ରମଟି ବାଛ ।

**81.** (a) ଶୋଇପଡ଼ିଛି (b) ବାପା (c) ପୁଅ (d) ଦେଖିଲେ

(1) bdca (2) adcb (3) acbd (4) cdab

**82.** (a) ତୁମେ (b) କଳାକାର ହେବ (c) ଏକବଡ଼ (d) ଭବିଷ୍ୟତରେ

(1) abcd (2) acbd (3) adcb (4) cdab

**83.** (a) ଗ୍ରହିପଟେ (b) ପୃଥିବୀ (c) ଘୁରେ (d) ସୂର୍ଯ୍ୟ

(1) acbd (2) abcd (3) dabc (4) bdca

**84.** 'ସେ' ର ବହୁବଚନ ଲେଖ

(1) ସେମାନେ (2) ଶେମାନେ (3) ଷେମାନେ (4) ସେହିମାନେ

**85.** ସିଂହର ସ୍ତ୍ରୀଲିଙ୍ଗ ଲେଖ ।

(1) ସିଂହୀ (2) ସ୍ତ୍ରୀସିଂହ (3) ସିଂହର ସ୍ତ୍ରୀ (4) ଶିଘିଂ

**86.** ଉପଯୁକ୍ତ ବିକଳ୍ପ ବାଛି ଶୂନ୍ୟସ୍ଥାନ ପୁରଣ କର ।

ଅଙ୍ଗୁର ମିଠା ________ ଖଟା ହୋଇପାରେ ।

(1) ବହୁତ (2) ଆଉ (3) ଅଳ୍ପ (4) କିମ୍ୱା

**87.** ପିଲାଟି ଛାତଉପରେ ମାଙ୍କଡ଼ __________ ଦେଖି ଡ଼ରିଗଲା ।

(1) ଦ୍ୱାରା (2) କୁ (3) ମଧ୍ୟରେ (4) ଉପରେ

**88.** ଜୁନ୍‌ମାସ ୨୦ ତାରିଖ _________ ବିଦ୍ୟାଳୟ ଛୁଟି ଥିଲା ।

(1) ଠାରୁ (2) ଦ୍ୱାରା (3) ପର୍ଯ୍ୟନ୍ତ (4) ପାଇଁ

**89.** ମୋ ଜେଜେ ସକାଳୁ ଉଠି ଲେମ୍ବୁପାଣି __________ ।

(1) ଖାଆନ୍ତି (2) ପିଅନ୍ତି (3) ନିଅନ୍ତି (4) ଦିଅନ୍ତି

**90.** ବଡ଼ବାପା ମୋ ବାପାଙ୍କ _________ ଭ୍ରାତା ।

(1) ସାନ (2) ମଉସା (3) ଜ୍ୟେଷ୍ଠ (4) ଜେଜେ

**91.** ସକାଳୁ ଉଠିବା __________ ଉତ୍ତମ ଅଭ୍ୟାସ ।

(1) ନୁହେଁ (2) ଏକ (3) ହସିବା (4) ଖାଇବା

**92.** ମୋ ମା ଆସନ୍ତା ମାସରେ ଗାଁକୁ ଗଲେ ଅଜାଙ୍କୁ __________ ।

(1) ଭେଟିବେ (2) ଭେଟିଲେ (3) ଭେଟନ୍ତି (4) ଭେଟୁ

**93.** ଯେ ଦାନକରେ ସେ ________ ।

(1) ଭଲଲୋକ (2) ଦାନୀ (3) କୃପଣ (4) ଗରିବହୋଇଯାଏ

**94.** କେଉଁ ଶବ୍ଦଟି ସନ୍ତାନ ଶବ୍ଦର ଅର୍ଥକୁ ବୁଝାଉଛି ।

(1) ନାତି (2) ନାତୁଣୀ (3) ପୁଅଝିଅ (4) ଭଉଣୀ

**95.** ଆଲୋକର ବିପରୀତ ଶବ୍ଦଟି କ'ଣ ?

(1) ଅମାବାସ୍ୟା (2) ଚନ୍ଦ୍ରାଲୋକ (3) ଅନ୍ଧାର (4) ପୂର୍ଣ୍ଣିମା

**96.** ପିଉସା ର ସ୍ତ୍ରୀଲିଙ୍ଗ ଲେଖ ।

(1) ପିଉସାଙ୍କ ସ୍ତ୍ରୀ (2) ମାଉସୀ (3) ପିଉସୀ (4) ଅପା

**97.** ଡିସେମ୍ବର ମାସରେ __________ ଶୀତ ପଡ଼େ ।

(1) କମ୍ (2) ଅଧିକ (3) ମଧ୍ୟମ (4) ହାଲୁକା

**98.** ସଠିକ୍ ବନାନଟିକୁ ବାଛି ଶୂନ୍ୟସ୍ଥାନ ପୁରଣ କର ।

ଖରାଦିନେ _________ ପାଚେ ।

(1) ପଣସ (2) ପଣଶ (3) ପଣଷ (4) ପଣାସ

**99.** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି __________ ରେ ଜନ୍ମଗ୍ରହଣ କରିଥିଲେ ।

(1) ଦିଲ୍ଲୀ (2) ଗୁଜୁରାଟ (3) ମଧ୍ୟପ୍ରଦେଶ (4) ରାଜସ୍ଥାନ

**100.** ଇଏ ସେହି ଅନ୍ଧପିଲା _________ ଆଖିରେ ତୀର ବାଜି ଯାଇଥିଲା ।

(1) ଯିଏ (2) ଯାହାକୁ (3) ଯାହାର (4) ତାର

## ଭାଗ ଘ / SECTION D

## ବୋଧଶକ୍ତି / INTELLIGENCE

**101.** ପ୍ରଦତ୍ତ ଶୃଙ୍ଖଳାର ପରବର୍ତ୍ତୀ ଅକ୍ଷରଟି କ'ଣ ଆସିବ ?

A, C, F, H, K, M, .......

(1) N (2) Y (3) P (4) M

What comes next in the given series ?

A, C, F, H, K, M, .......

(1) N (2) Y (3) P (4) M

**102.** ରାହୁଲ ସିଧାସଳଖ ପୂର୍ବ ଦିଗକୁ ଚାଲିବା ଆରମ୍ଭ କଲା । ଏକ ନିର୍ଦ୍ଦିଷ୍ଟ ଦୂରତା ପର୍ଯ୍ୟନ୍ତ ଚାଲିବା ପରେ ନିଜର ଡାହାଣ ଆଡ଼କୁ ବୁଲି ପୁଣି ଚାଲିବାକୁ ଲାଗିଲା । ସେ ଏବେ କେଉଁ ଦିଗ ଆଡ଼କୁ ଆଗଉଛି ।

(1) ଉତ୍ତର (2) ପୂର୍ବ (3) ଦକ୍ଷିଣ (4) ପଶ୍ଚିମ

Rahul started walking straight towards East. He walks a certain distance and then turns towards his right and walks again. In which direction is he heading now ?

(1) North (2) East (3) South (4) West

**103.** ଦିଆଯାଇଥିବା ବିକଳ୍ପଗୁଡ଼ିକ ମଧ୍ୟରୁ ବିଷମଟି ଚୟନ କର ।

(1) ବାଂଲାଦେଶ : ଟାକା (2) ବ୍ରାଜିଲ : ରିୟଲ

(3) ସାଇପ୍ରସ୍ : ଡଲାର (4) ଇରାନ୍ : ରିଆଲ

From the given options, choose the odd one out.

(1) Bangladesh : Taka (2) Brazil : Real

(3) Cyprus : Dollar (4) Iran : Rial

**104.** ତାନ୍ୟା ଏରିକ୍‌ଠାରୁ ବୟସରେ ବଡ଼ ।

କ୍ଲିଫ୍ ତାନ୍ୟାଠାରୁ ବୟସରେ ବଡ଼ ।

ଏରିକ୍ କ୍ଲିଫ୍‌ଠାରୁ ବୟସରେ ବଡ଼ ।

ଯଦି ପ୍ରଥମ ଦୁଇ କଥନ ସତ୍ୟ ହୋଇଥାଏ, ତେବେ ତୃତୀୟ କଥନଟି

(1) ସତ୍ୟ ଅଟେ (2) ମିଥ୍ୟା ଅଟେ (3) ଅନିଶ୍ଚିତ ଅଟେ (4) ଉପରୋକ୍ତ କେଉଁଟି ନୁହେଁ

Tanya is older than Eric.
Cliff is older than Tanya.
Eric is older than Cliff.
If the first two statements are true, the third statement is

(1) True (2) False (3) Uncertain (4) None of these

**105.** ପ୍ରଶ୍ନ ଚିହ୍ନ ସ୍ଥାନରେ କ'ଣ ଆସିବ ?

10, 100, 200, 310, ?

(1) 420 (2) 410 (3) 430 (4) 400

What will come at the place of the question mark ?

10, 100, 200, 310, ?

(1) 420 (2) 410 (3) 430 (4) 400

**106.** A ହେଉଛନ୍ତି Bଙ୍କ ଭଉଣୀ । C ହେଉଛନ୍ତି Bଙ୍କ ମା । D ହେଉଛନ୍ତି Cଙ୍କ ପିତା । E ହେଉଛନ୍ତି Dଙ୍କ ମା । ତେବେ Aଙ୍କ ସହିତ Dଙ୍କ ସମ୍ପର୍କ କ'ଣ ?

(1) ଜେଜେବାପା (2) ଜେଜେମା

(3) ଝିଅ (4) ନାତୁଣୀ

A is B's sister. C is B's mother. D is C's father. E is D's mother. Then how is A related to D ?

(1) Grandfather (2) Grandmother

(3) Daughter (4) Grand-daughter

**107.** ଏକ ନିର୍ଦ୍ଦିଷ୍ଟ କୂଟ ଭାଷାରେ, COMPUTER କୁ RFUVQNPC ଭାବେ ଲେଖାଯାଏ । ତେବେ ସେହି କୂଟ ଭାଷାରେ MEDICINE କୁ କିପରି ଲେଖାଯିବ ?

(1) MFEDJJOE (2) EOJDEJFM

(3) MFEJDJOE (4) EOJDJEFM

In a certain code language, COMPUTER is written as RFUVQNPC. How will MEDICINE be written in that code language ?

(1) MFEDJJOE (2) EOJDEJFM

(3) MFEJDJOE (4) EOJDJEFM

**108.** ଯଦି ଦକ୍ଷିଣ–ପୂର୍ବ ଉତ୍ତର ହୋଇଯାଏ, ଉତ୍ତର–ପୂର୍ବ ପଶ୍ଚିମ ହୋଇଯାଏ ଏବଂ ଏହି କ୍ରମ ଜାରି ରହେ, ତେବେ ପଶ୍ଚିମ କ'ଣ ହୋଇଯିବ ?

(1) ଉତ୍ତର–ପୂର୍ବ (2) ଉତ୍ତର–ପଶ୍ଚିମ

(3) ଦକ୍ଷିଣ–ପୂର୍ବ (4) ଦକ୍ଷିଣ–ପଶ୍ଚିମ

If South-East becomes North, North-East becomes West and so on, what will West become ?

(1) North-East (2) North-West

(3) South-East (4) South-West

**109.** 45 ବିଦ୍ୟାର୍ଥୀ ବିଶିଷ୍ଟ ଏକ ଶ୍ରେଣୀରେ, ଅମିରର କ୍ରମ ଉପରଆଡୁ 16ତମ ଅଟେ । ଅଶୋକ ଅମିରଠାରୁ 6 କ୍ରମ ତଳେ ଅଛି । ନିମ୍ନ (ତଳ) ଅଶୋକର କ୍ରମ କ'ଣ ଅଟେ ?

(1) 23ତମ (2) 32ତମ (3) 24ତମ (4) 30ତମ

In a class of 45 students, Amir's rank from the top is $16^{th}$. Ashok is 6 ranks below Amir. What is Ashok's rank from the bottom ?

(1) $23^{rd}$ (2) $32^{nd}$ (3) $24^{th}$ (4) $30^{th}$

**110.** ଅକ୍ଷରଗୁଡ଼ିକର କେଉଁ ସେଟ୍‌କୁ ଦିଆଯାଇଥିବା ଅକ୍ଷର ଶୃଙ୍ଖଳାର ଖାଲି ସ୍ଥାନରେ କ୍ରମାନୁସାରେ ରଖିଲେ ଶୃଙ୍ଖଳାଟି ପୂରା ହୋଇଯିବ ?

_ ab _ b _ aba _ _ abab.

(1) abbaa (2) bbaab (3) abaab (4) aaaba

Which one set of letters when sequentially placed at the gaps in the given letter series shall complete it ?

_ ab _ b _ aba _ _ abab.

(1) abbaa (2) bbaab (3) abaab (4) aaaba

**111.** ଏହି ଶୃଙ୍ଖଳାକୁ ଦେଖ : 2, 1, (1/2), (1/4), ...

ପରବର୍ତ୍ତୀ ସଂଖ୍ୟାଟି କ'ଣ ହେବ ?

(1) 1/3 (2) 1/8 (3) 2/8 (4) 1/16

Look at this series : 2, 1, (1/2), (1/4), ...
What number should come next ?

(1) 1/3 (2) 1/8 (3) 2/8 (4) 1/16

**112.** ସମାନ ସମ୍ବନ୍ଧ ରଖୁଥିବା ସଠିକ୍ ବିକଳ୍ପଟି ବାଛ ।

SCD, TEF, UGH, _________, WKL

(1) CMN (2) UJI (3) VIJ (4) IJT

Choose the correct alternative that has the same relation.

SCD, TEF, UGH, _________, WKL

(1) CMN (2) UJI (3) VIJ (4) IJT

**113.** ଯଦି 'WAY' କୁ 679 ରୂପେ କୂଟବଦ୍ଧ କରାଯାଏ, 'MAY' କୁ 579 ରୂପେ କୂଟବଦ୍ଧ କରାଯାଏ, ତେବେ 'YAW' କୁ କିପରି କୂଟବଦ୍ଧ କରାଯିବ ?

(1) 976 (2) 769 (3) 679 (4) 579

If 'WAY' is coded as 679, 'MAY' is coded as 579, then 'YAW' will be coded as

(1) 976 (2) 769 (3) 679 (4) 579

**114.** ଯଦି '+' ର ଅର୍ଥ "ଫେଡ଼ାଣ", '–' ର ଅର୍ଥ "ଗୁଣନ", '×' ର ଅର୍ଥ "ମିଶାଣ", ହୁଏ ତେବେ $10 \times 5 + 3 - 2$ର ମୂଲ୍ୟ କ'ଣ ହେବ ?

(1) 24 (2) 52 (3) 9 (4) 10

If '+' means "Minus", '–' means "Multiply", '×' means "Add", then what is the value of $10 \times 5 + 3 - 2$ ?

(1) 24 (2) 52 (3) 9 (4) 10

**115.** ତାଳି ପକାଇବା : ସିଲେଇ : : ସମ୍ପାଦନ କରିବା : ________

(1) ରଫୁ କରିବା (2) ମରାମତି କରିବା

(3) ପାଣ୍ଡୁଲିପି (4) କାମଚଳା

mend : sewing : : edit : ________

(1) darn (2) repair

(3) manuscript (4) makeshift

**116.** ଶୂନ୍ୟସ୍ଥାନ ପୂରଣ କର ।

ଲଗାମ : ଘୋଡ଼ା : : କଣ୍ଟ୍ରୋଲ ପ୍ୟାନେଲ୍ : ________

(1) ପାଇଲଟ୍ (2) ବିଟ୍ (3) ସମତଳ (4) ଘୋଡ଼ସବାର

Fill in the blank.

rein : horse : : control panel : ________

(1) pilot (2) bit (3) plane (4) rider

**117.** ସମୂହରେ ଥିବା ଶବ୍ଦଗୁଡ଼ିକ ସହ ସବୁଠାରୁ କମ୍ ସମାନତା ଥିବା ଶବ୍ଦଟି ବାଛ ।

(1) ଏମ୍.ଏସ୍. ପେଣ୍ଟ୍ (2) ଫେସ୍‌ବୁକ୍

(3) ହ୍ୱାଟ୍‌ସଆପ୍ (4) ଟୁଇଟର୍

Choose the word which is least like the words in the group.

(1) MS Paint (2) Facebook

(3) WhatsApp (4) Twitter

**118.** ରେଖାଙ୍କିତ ଶବ୍ଦର ଏକ ଅନିବାର୍ଯ୍ୟ ଅଂଶକୁ ସୂଚାଉଥିବା ଶବ୍ଦଟିକୁ ବାଛ ।


ଗିଟାର୍

(1) ବ୍ୟାଣ୍ଡ (2) ଶିକ୍ଷକ (3) ଗୀତ (4) ତାର





Choose the word that is a necessary part of the underlined word.


Guitar

(1) band (2) teacher (3) songs (4) strings





**119.** 

ଉପଯୁକ୍ତ ବିକଳ୍ପ ଚୟନ କରି ଦ୍ୱିତୀୟ ଯୋଡ଼ାକୁ ସମ୍ପୂର୍ଣ୍ଣ କର ।

(1)  (2)  (3)  (4) 



Complete the second pair by selecting the appropriate alternative.

(1)  (2)  (3)  (4) 

**120.** ଜଣେ ବ୍ୟକ୍ତି ଦକ୍ଷିଣ ଦିଗ ଅଭିମୁଖେକିମି ଚାଲନ୍ତି, ବାମକୁ ବୁଲି 4 କିମି ଚାଲନ୍ତି, ପୁଣିଥରେ ବାମକୁ ବୁଲି ଆଉ 5 କିମି ଚାଲନ୍ତି । ବର୍ତ୍ତମାନ ତାଙ୍କ ମୁହଁ କେଉଁ ଦିଗ ଆଡ଼କୁ ରହିଛି ?

(1) ଦକ୍ଷିଣ (2) ଉତ୍ତର (3) ପୂର୍ବ (4) ପଶ୍ଚିମ

A man walks 6 km south, turns left and walks 4 km, again turns left and walks 5 km. Which direction is he facing now ?

(1) South (2) North (3) East (4) West

**121.** ପ୍ରଶ୍ନ ଚିହ୍ନ ସ୍ଥାନରେ କେଉଁ ଅକ୍ଷରଟି ଆସିବ ?

| | | |
|---|---|---|
| E | M | H |
| N | O | A |
| I | ? | D |

(1) N (2) O

(3) P (4) M

Which letter replaces the question mark ?

| | | |
|---|---|---|
| E | M | H |
| N | O | A |
| I | ? | D |

(1) N (2) O

(3) P (4) M

**122.** ପୂଜକ ଜଣେ ଭକ୍ତଙ୍କୁ କହିଲେ, "ଘଣ୍ଟିଟି 45 ମିନିଟ୍‌ର ନିୟମିତ ବ୍ୟବଧାନରେ ବାଜିଥାଏ । ଶେଷ ଘଣ୍ଟି 5 ମିନିଟ୍ ପୂର୍ବରୁ ବାଜିଥିଲା । ପରବର୍ତ୍ତୀ ଘଣ୍ଟି 7:45 am ରେ ବାଜିବ ।" ପୂଜକଜଣକ ଭକ୍ତଙ୍କୁ ଏହି ସୂଚନା କେଉଁ ସମୟରେ ଦେଇଥିଲେ ?

(1) 6:55 am (2) 7:00 am


(3) 7:05 am (4) 7:40 am

The priest told the devotee, "The bell rings at regular intervals of 45 minutes. The last bell rang 5 minutes ago. The next bell is due to be rung at 7:45 am." At what time did the priest give this information to the devotee ?

(1) 6:55 am (2) 7:00 am


(3) 7:05 am (4) 7:40 am

**123.** ନିମ୍ନପ୍ରଦତ୍ତ ଚିତ୍ରରେ କେତୋଟି ତ୍ରିଭୁଜ ରହିଛି ?



(1) 4 (2) 12 (3) 16 (4) 10

How many triangles are there in the figure given below ?



(1) 4 (2) 12 (3) 16 (4) 10

**124.** ଏକ ଗୁପ୍ତଭାଷାରେ, 'BOMBAY' କୁ 'CNNABX' ଭାବେ ଦର୍ଶାଯାଏ, ତେବେ ସେହି ଭାଷାରେ 'DELHI' କୁ କିପରି ଭାବେ ଦର୍ଶାଯିବ ?

(1) EDMJG (2) GMDEJ
(3) DEGMJ (4) EDMGJ

In a code, 'BOMBAY' is coded as 'CNNABX', then what will be the code of 'DELHI' ?

(1) EDMJG (2) GMDEJ
(3) DEGMJ (4) EDMGJ

**125.** ଶୂନ୍ୟସ୍ଥାନ ପୂରଣ କର ।

ଅଲଗା କରିବା : ଏକତ୍ରିତ କରିବା : : ମରାମତି କରିବା : _________

(1) ପାଖକୁ ଆସିବା (2) ଠେଲିବା
(3) କ୍ଷତିଗ୍ରସ୍ତ କରିବା (4) ଚକ୍‌ମା ଦେବା

Fill in the blank.

segregate : unify : : repair : _________

(1) approach (2) push
(3) damage (4) outwit

## ରଫ୍ କାମ ପାଇଁ ଜାଗା

## SPACE FOR ROUGH WORK

## ରଫ୍ କାମ ପାଇଁ ଜାଗା

## SPACE FOR ROUGH WORK